ଟ 7.50
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

NEHRU BAL PUSTAKALAYA

ରୂପା

ମିକି ପଟେଲ

Digitized by srujanika@gmail.com

ନେହେରୁ ବାଳ ପୁସ୍ତକାଳୟ

ରୁପା

କାହାଣୀ ଓ ଚିତ୍ର
ମିକି ପଟେଲ

ଅନୁବାଦ
ବିଜୟ୍ କୁମାର ଦାଶ



ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

ପ୍ରଥମ ସଂସ୍କରଣ 1976 (ଶକାବ୍ଦ 1898)
ଦ୍ୱିତୀୟ ସଂସ୍କରଣ 1992 (ଶକାବ୍ଦ 1914)
© ମିକି ପଟେଲ, 1972
ଓଡ଼ିଆ ଅନୁବାଦ © ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, 1976
Rupa The Elephant (Oriya)
ଟ 7.50
ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ଏ-5,ଗ୍ରୀନ୍ ପାର୍କ,
ନୂଆ ଦିଲ୍ଲୀ-110016 କର୍ତ୍ତୃକ ପ୍ରକାଶିତ ।

କୁନ ଭଟେଲ ଚିଣ୍ଟୁ ଚିଡିଆଖାନାର ସବୁ ଜୀବଜନ୍ତୁଙ୍କୁ
ଜାଣେ ।



Digitized by srujanika@gmail.com

ତାର ସବୁଠୁଁ ଭଲ ସାଙ୍ଗ ହେଲା ହାତୀ ରୂପା ।
ପ୍ରତି ରବିବାର ସକାଳେ ରୂପା ଛୋଟ ପିଲାଙ୍କୁ ନିଜ ପିଠି
ଉପରେ ବସାଇ ଚିଡ଼ିଆଖାନା ବୁଲାଏ ।
ବେଳେ ବେଳେ ଚିହ୍ନିବି ରୂପାର କାନ ଉପରେ ବସିଯାଏ
ଏବଂ ପିଲାମାନଙ୍କ ସଙ୍ଗରେ ବୁଲି ବୁଲି ଜୀବଜନ୍ତୁଙ୍କୁ ଦେଖେ ।

Digitized by srujanika@gmail.com

ଦିନେ ଚିନ୍ନି ରୂପାକୁ ଦେଖି ଅବାକ ହୋଇଗଲା ।
କଇଁ କଇଁ ହୋଇ ରୂପା କାନ୍ଦୁଛି ।
ସେ ଗୋଟିଏ କଣରେ ଏକା ଠିଆ ହୋଇଛି ଓ ତା'
ଆଖିରୁ ଧାରଧାର ହୋଇ ଲୁହ ବହି ଘାସରେ
ମିଶୁଛି । ଚିନ୍ନି ଚିଁ ଚିଁ ହୋଇ ପଚାରିଲା,
"ରୂପା କ'ଣ ହୋଇଛି ତୋର ?"

Digitized by srujanika@gmail.com

"ମୋ ରୂପ କେଡେ ଅସୁନ୍ଦର ! ସତେ ଯେମିତି ମୁଁ ଗୋଟାଏ
କଳା ମୋଟା ଗଣ୍ଡି !" କହି ରୂପା କାନ୍ଦୁଥାଏ ।
ଚିଞ୍ଚୁ ତାକୁ ସାନ୍ତ୍ୱନା ଦେଇ କହିଲା,
"ମୂର୍ଖଙ୍କ ପରି କାନ୍ଦନା ।
ତୋର ଚେହେରାକୁ ଉଜ୍ଜ୍ୱଳ ଓ ସୁନ୍ଦର କରିବା ପାଇଁ
ମୁଁ କିଛି ବ୍ୟବସ୍ଥା କରୁଛି ।"
ଏତିକି କହି ଚିଞ୍ଚୁ ଉଡି ଚାଲିଗଲା ।

Digitized by srujanika@gmail.com

ଚିଞ୍ଚି ପ୍ରଥମେ ବାଘମାମୁଁ ପାଖକୁ ଗଲା ।
"ନମସ୍କାର ଭନୁ ମାମୁଁ ।
ରୁପାର ରଙ୍ଗ ମାଟିଆ ହୋଇଥିବାରୁ ସେ କାନ୍ଦୁଛି ।
ତୁମ ଦେହର ପଟା ପଟା ସୁନ୍ଦର ରଙ୍ଗରୁ ତାକୁ
କିଛି ଦିଅ !" ସେ କହିଲା ।

Digitized by srujanika@gmail.com

ତାପରେ ସେ ପହଞ୍ଚିଥିଲା ଚିତାବାଘ ସୋନୁ ପାଖରେ ।
ତାକୁ ପଚାରିଲା, "ତମ ଦେହର ଟୋପା ଛୁପି ଛୁପିବା
ରଙ୍ଗରୁ କିଛି ରୁପାକୁ ଦେବ ?"

Digitized by srujanika@gmail.com

ତାପରେ ଚିଞ୍ଚି ରାଜା ନାମକ ମୟୂର ଓ ମିଟୁ ନାମକ ପାରା
ପାଖକୁ ଯାଇ ରୂପା ଲାଗି ସେମାନଙ୍କ ଠାରୁ
କିଛି କିଛି ସୁନ୍ଦର ରଙ୍ଗ ମାଗିଲା ।

Digitized by ...@gmail.com

ଭନୁ, ସୋନୁ, ରାଜା ଓ ମିଟ୍ଟୁ ସମସ୍ତେ ବଗିଚ୍ଚ ଭିତର ଦେଇ ରୂପା ନିକଟକୁ ଦୌଡ଼ି ଦୌଡ଼ି ଆସିଲେ ।

ରୂପା ତଥାପି ଗୋଟିଏ କଣରେ ଏକା ଠିଆ ହୋଇ ଦୀର୍ଘ ନିଶ୍ୱାସ ମାରୁଥାଏ ଓ କଇଁ କଇଁ ହୋଇ କାନ୍ଦୁ ଥାଏ ।

ସେମାନେ ରୂପାକୁ ନିଜନିଜର ରଙ୍ଗ ଦେବାକୁ ଲାଗିଲେ ।
ରୂପା ଦେହର ଗୋଟିଏ ପଟେ ଭନୁ ଗଡିଗଲା ଯେ
ତାର ପଟା ପଟା ହଳଦି ଓ କଳା ଦାଗ ରୂପା ଦେହରେ ଲାଗିଗଲା ।
ସୋନୁ ତା' ଦେହର ଛୁପିଛୁପିକା ଦାଗସବୁ ରୂପାର ଗୋଡ଼ସାରା ଲଗାଇ ଦେଲା ।
ମିଟୁର ସୁନ୍ଦର ସବୁଜିମାରେ ରୂପାର ଲାଙ୍ଗୁଳ ଏବଂ ସ୍ୱଜାର ଚମତ୍କାର ନୀଳ ଓ
ସୁନେଲି ରଙ୍ଗରେ ରୂପାର ଶୁଣ୍ଢ ଚିତ୍ରବିଚିତ୍ର ହୋଇଗଲା ।

ରୁପା ବାନ୍ଦ ବନ୍ଦ କଲା । ସେ ନିଜକୁ ନିଜେ ଦେଖିବାକୁ ଲାଗିଲା ।
ଗର୍ବରେ ସେ ମନେ ମନେ ଖୁବ୍ ଖୁସି ହେଉଥିଲା ।
"ମୋ ରଙ୍ଗତ ବାହାଘର ଚାନ୍ଦୁଆ ପରି ହୋଇଛି ।
ଏବେ ମୋତେ ପିଲାମାନେ ଖୁବ୍ ଭଲ ପାଇବେ ।"
ସେ ମନକୁ ମନ କହୁଥିଲା ।

Digitized by srujanika@gmail.com

ପରଦିନ ପିଲାମାନେ ହାତୀ ଉପରେ ବସିବା ଲାଗି ଚିଡ଼ିଆଖାନା ଆସିଲେ ।
କିନ୍ତୁ କି ଆଶ୍ଚର୍ଯ୍ୟ କଥା !

Digitized by srujanika@gmail.com

ତାଙ୍କର ସେହି ମାଟିଆ ରଙ୍ଗର ପ୍ରିୟ ରୂପା କୁଆଡେ ଗଲା ?
ଏଇ କୁରୂପ ରଙ୍ଗ ବେରଙ୍ଗ ଅସୁରକାୟ ଜନ୍ତୁଟା କିଏ ?
ପିଲାଙ୍କ ଭିତରୁ କେତେଜଣ ତ ଚିର୍‌ଚିରେଇ ଉଠିଲେ—
"ଯା, ଯା, ପଲା ଏଠୁ ଭୟଙ୍କରିଆ ଜନ୍ତୁ,
ଆମେ ଆମ ରୂପାକୁ ଚାହୁଁ ।"

Digitized by srujanika@gmail.com

ରୂପାଭ ଏକଥା ଶୁଣି କାନ୍ଦି ପକେଇଲା ।
ଏବେ ସେ କରେ କ'ଣ ?

Digitized by srujanika@gmail.com

ହଠାତ୍ ତା ମୁଣ୍ଡକୁ ଗୋଟାଏ ବୁଦ୍ଧି ଦୂକିଲା। ପାଖରେ ଥିବା ପଦ୍ମପୋଖରୀ ଭିତରକୁ ସେ ଡେଇଁ ପଡିଲା।
ଶୁଣ୍ଢ ହଲାଇ ସୁ...ସୁ...କରି ଦେହସାରା ସେ ପାଣି ଫୋପାଡିବାକୁ ଲାଗିଲା। ଝୁହୁଁ ଝୁହୁଁ ହଳଦିଆ, ସବୁଜ, ନୀଳ ଓ ସୁନେଲି ରଙ୍ଗସବୁ ଧୋଇ ହୋଇ ପାଣିରେ ମିଶିଗଲା।



Digitized by srujanika@gmail.com

ସୁଦୃଶ୍ୟ ଚେହେରା ନେଇ ରୂପା ପାଣି ଭିତରୁ ବାହାରିଆସିଲା ।
ପିଲାମାନେ ଆନନ୍ଦରେ ତାଳିବଜାଇ ଚିତ୍କାର କରିଉଠିଲେ ।
“ଦେଖ, ଦେଖ, ରୂପାକୁ ଦେଖ !”
ସେମାନେ ରୂପାକୁ ପଚାରିଲେ, “ଏତେ ରଙ୍ଗ ତୁ ଆଣିଲୁ କେଉଁଠୁ ?”
ରୂପା କହିଲା,
“ମୋ ପିଠିରେ ବସ । ମୋତେ ରଙ୍ଗ ଦେଇଥିବା ମୋର ବନ୍ଧୁମାନଙ୍କୁ ଦେଖାଇଦେବି ।”

Digitized by srujanika@gmail.com

ପିଲାମାନେ ଆନନ୍ଦରେ ପାଟିକରି ରୂପା ପିଠି ଉପରକୁ ଚଢ଼ିଗଲେ ।
ଚିଞ୍ଚୁ ରୂପାର କାନ ଉପରେ ବସି ଚିଁ ଚିଁ କରିବାକୁ ଲାଗିଲା ।
ତାପରେ ସମସ୍ତ ଚିଡ଼ିଆଖାନାର ଜୀବଜନ୍ତୁଙ୍କୁ ଦେଖିବାଲାଗି ବୁଲ୍ ବାହାରିଲେ ।



Printed at Allied Enterprises,
Shahadra, Delhi-110 095

Digitized by srujanika@gmail.com